ଆପଣଙ୍କ ପ୍ରିୟ ପତ୍ରିକା
ସିନେ ସମ୍ବାଦ
Cine Sambad
● ସିନେମା ● ଟେଲିଭିଜନ
● ଯାତ୍ରା ● ସଙ୍ଗୀତ ● ରେଡିଓ
ଆଜିର 'ସମ୍ବାଦ' ସହ ବିନା ମୂଲ୍ୟରେ

EASTERN MEDIA LIMITED

SAMBAD

ସମ୍ବାଦ




www.sambadepaper.com

PUBLISHED FROM BHUBANESWAR CUTTACK BERHAMPUR ANGUL BALASORE JEYPORE ROURKELA SAMBALPUR

RNI Regd. No. 42132/84 Volume XXX No 20 Balasore Thursday 24 October 2013 ₹ 4.00 Page 16 + Cine Sambad ବାଲେଶ୍ୱର, ଗୁରୁବାର ୨୪ ଅକ୍ଟୋବର ୨୦୧୩, ମୂଲ୍ୟ ୪ ଟଙ୍କା, ୧୬ ପୃଷ୍ଠା + ସିନେ ସମ୍ବାଦ

# ନବଜୀବନ ଫାଉଣ୍ଡେସନର ସ୍ୱାସ୍ଥ୍ୟସେବା ଶିବିର

ଅସୁରାଳି, ୨୩/୧୦(ଇମିସ): ଅନ୍ତରାଷ୍ଟ୍ରୀୟ ସ୍ୱେଚ୍ଛାସେବୀ ସଂଗଠନ ନବଜୀବନ ଫାଉଣ୍ଡେସନ ପକ୍ଷରୁ ଧାମନଗର ବନ୍ୟା ଅଂଚଳରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଓ ରିଲିଫ୍ ବଣ୍ଟନ କରାଯାଇଛି । ସଂଗଠନ ପକ୍ଷରୁ ବନ୍ୟା ପ୍ରଭାବିତ ପଧାନୀ, ଭଗବତପର, ନଦୀଗାଁ, ଭଇସାହି ତିନିଘରିଆ ପ୍ରଭୃତି ସ୍ଥାନରେ ବିପନ୍ନଙ୍କୁ ବିଭିନ୍ନ ପ୍ରକାର ଶୁଖିଲା ଖାଦ୍ୟ, ବ୍ରେଡ, ବିସ୍କୁଟ, ଚୁଡା, ଔଷଧ, ମଶାଧୂପ ଇତ୍ୟାଦି ବଣ୍ଟନ କରାଯବା ସହ ଦଶନ୍ଧିକୂଳ ଏବଂ ଆଠଘରିଆଠାରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା । ଡାକ୍ତର ପୁଷ୍ପାଞ୍ଜଳି ରାଉତରାଏଙ୍କ ଦ୍ୱାରା ରୋଗୀମାନଙ୍କ ବିଭିନ୍ନ ରୋଗ ପରୀକ୍ଷା କରାଯାଇ ବିନା ମୂଲ୍ୟରେ ଔଷଧ ବଣ୍ଟନ କରାଯାଇଥିଲା । ଏହି ଶିବିରରେ ୪ ଶହ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ନବଜୀବନ ଫାଉଣ୍ଡେସନର ଓଡ଼ିଶା ରାଜ୍ୟ ଶାଖାର ପ୍ରମୁଖ କର୍ମକର୍ତ୍ତା ମାନସ ରଂଜନ ସାହୁଙ୍କ ନେତୃତ୍ୱରେ ସପ୍ତାହବ୍ୟାପୀ ଅନୁଷ୍ଠିତ ସ୍ୱାସ୍ଥ୍ୟସେବା ଶିବିର ଏବଂ ରିଲିଫ ସହାୟତା କାର୍ଯ୍ୟକ୍ରମରେ ଯୁବନେତା ହରିହର ସାହୁ, ଅନନ୍ତ ରାଉତ, ନରେଶ ସାହୁ, କ୍ଷୀରୋଦ ଜେନା, ପ୍ରଦୀପ ଯେନା, ବିଦ୍ୟାପତି ନାୟକ, କିରଣ ବାରିକ, ସତ୍ୟବ୍ରତ ସୂତାର, କାଳନ୍ଦି ସୂତାର, ଆଶିଷ ରାଉତ, ରବୀନ୍ଦ୍ର ଜେନା, ମନୋଜ ରଣା, ରାକେଶ ପଲାଇ, ସରୋଜ ସାହୁ, ତପନ ସାହୁ ପ୍ରମୁଖ ସହଯୋଗ କରିଥିଲେ । ସେହିପରି ଆମ୍ବିଳିଗାଁଠାରେ ସମାଜସେବୀ ସୁଧୀରରଂଜନ ଦାସ, ଅଧର ପରିଡା, କ୍ଷେତ୍ରବାସୀ ବାରିକଙ୍କ ପକ୍ଷରୁ ୫ଶହ ବନ୍ୟା ବିପନ୍ନଙ୍କୁ ରନ୍ଧାଖାଦ୍ୟ ଏବଂ ନଦୀଗାଁଠାରେ ସମାଜସେବୀ ମନୋଜ ରାୟମହାପାତ୍ର ତରଫରୁ ରିଲିଫ ପ୍ରଦାନ କରାଯାଇଥିଲା ।

